# Akashvani, Sambalpur

# SAMBALPURI NEWS BULLETIN

## 9 December 2024- 6.47- 6.52 am.

*********************************************

ରାଷ୍ଟ୍ରପତି-ପଂଚାୟତ୍‌ରାଜ ପୁରସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚାୟତ୍‌ରାଜ ମନ୍ତ୍ରଣାଳୟ ତର୍‌ଫୁ ୨୦୨୨-୨୩ ବଛର୍‌ର ସମ୍ମାନ୍ ଜନକ୍ ଜାତୀୟ ପଂଚାୟତ୍ ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ଆଏବା ୧୧ ତାରିଖ୍ ଦିନ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ଠାନେ ହେବାର୍‌କେ ଥିବାର୍ ଜାତୀୟ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ ପଂଚାୟତ୍ ସମ୍ମାନ୍ ଦେବେ । ଇଥିର୍‌ଲାଗି ୪୫ ଝନ୍‌କୁ ଭିନ୍ ଭିନ୍ ବର୍ଗଥି ସଫଳତାର୍ ଲାଗି ସମ୍ମାନିତ୍ କରାଯିବା । ସେ ଭିତ୍‌ରେ ଓଡ଼ିଶାକେ ଭିନ୍ ଭିନ୍ ଶ୍ରେଣୀଥି ୭ ଟା ପୁରସ୍କାର୍ ଦିଆଯିବା ।

ଇଥି ଓଡ଼ିଶାର୍ ଗଞ୍ଜାମ୍ ଜିଲ୍ଲା ଛତ୍ରପୁର୍‌କେ ଶ୍ରେଷ୍ଠ ପଂଚାୟତ୍ ଆର୍ କୋରାପୁଟ୍ ଜିଲ୍ଲାକେ ୨ ନମ୍ବର୍ ସର୍ବଶ୍ରେଷ୍ଠ ଜିଲ୍ଲା ପଂଚାୟତ୍ ଭାବେ ନାନାଜୀ ଦେଶ୍‌ମୁଖ ସର୍ବୋତମ୍ ପଂଚାୟତ୍ ଶତତ ବିକାଶ୍ ପୁରସ୍କାର୍ ଦିଆଯିବା । ହେନ୍ତା ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣେଇଗଡ଼ ବ୍ଲକ୍‌ର କେନ୍ଦ୍ରିକେଲା ପଂଚାୟତ୍‌କେ କାର୍ବନ୍ ନ୍ୟୁଟ୍ରଲ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ବର୍ଗଥି ୨ ନମ୍ବର୍ ପୁରସ୍କାର୍, ରାଜ୍ୟ

ଗ୍ରାମୀଣ୍ ବିକାଶ୍ ଆଉ ପଂଚାୟତ୍‌ରାଜ୍ ସଂସ୍ଥାନ୍‌କେ କ୍ଷମତା ନିର୍ମାଣ୍ ସଂସ୍ଥାନ୍ ପୁରସ୍କାର୍‌ଥି ୨ ନମ୍ବର୍ ପୁରସ୍କାର୍, ଗଞ୍ଜାମ୍ ଜିଲ୍ଲା କେଲୁଆପଲ୍ଲୀ ପଂଚାୟତ୍‌କେ ଦୀନଦୟାଲ୍ ଉପାଧ୍ୟାୟ ପଂଚାୟତ୍ ଶତତ୍ ବିକାଶ୍ ପୁରସ୍କାର୍ ଶ୍ରେଣୀଥି ସୁସ୍ଥ ପଂଚାୟତ୍ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କୋଇଡ଼ା ବ୍ଲକ୍‌ର କାସିରାକେ ଗ୍ରାମଉର୍ଜା ସ୍ୱରାଜ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ଦେବାର୍ ଲାଗି ବଛାଯାଇଛେ ।

ମଣ୍ଡେଇ ମହୋତ୍ସବ        ଆର୍‌ଏନ୍‌ୟୁ / ସମ୍ବଲପୁର

ନବରଙ୍ଗ୍‌ପୁର୍ ଜିଲ୍ଲାର୍ ସଂସ୍କୃତି ଆଉ ଜନଜାତି ଜୀବନ୍‌ଧାରା ଓଡ଼ିଶାର୍ ସାଂସ୍କୃତିକ ଚିତ୍ରପଟକେ ଗରିମାମୟ କରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନବରଙ୍ଗ୍‌ପୁର୍‌ର ହିର୍ଲିମଣ୍ଡେଇ ପଡ଼ିଆ ନ ଗଲା ୩ ଦିନ୍ ଧରି ଚାଲିଥିବା ମଣ୍ଡେଇ ମହୋତ୍ସବ୍-୨୦୨୪ ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ମଣ୍ଡେଇ ମହୋତ୍ସବ୍ ଲାଗି ନବରଙ୍ଗ୍‌ପୁର୍ ଜିଲ୍ଲା ରାଏଜେ ଗୁଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାର୍ ବିକାଶ୍ ଲାଗି ୪ ଶହ ୬୦ କୋଟିନୁ ଅଏତ୍‌କା

ଟଙ୍କାର ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଭିତିପ୍ରସ୍ତର୍ ଥାପ୍‌ନା କରିଥିଲେ ।

ଉଦ୍‌ଯାପନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗ୍‌ପୁର୍ ସାଂସଦ୍ ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ୍ ମୁଜିବୁଲ୍ଲା ଖାଁ, ଡାବୁଗାଁ ବିଧାୟକ୍ ମନୋହର୍ ରନ୍ଧାରୀ, ନବରଙ୍ଗ୍‌ପୁର୍ ବିଧାୟକ୍ ଗୌରୀଶଙ୍କର୍ ମାଝୀ, ଝରିଗାଁ ବିଧାୟକ୍ ନରସିଂହ ଭତରା ଯୋଗ୍ ଦେଇଥିଲେ ।

ଶ୍ରୀମନ୍ଦିର୍- ହୁଣ୍ଡି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର୍‌କେ ଭକ୍ତମାନେ ଗଲା ୩ ବରସ୍ ଭିତ୍‌ରେ ଶହେ ୧୩ କୋଟି ଦାନ୍ କରିଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ବିଧାନ୍‌ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ୨୦୨୧ ମସିହାନୁ ୨୦୨୪ ଭିତ୍‌ରେ ହୁଣ୍ଡି ଆର୍ ଭିନ୍ ଭିନ୍ ସୂତ୍ରନୁ ଶ୍ରୀ ଜଗନ୍ନାଥ୍ ମନ୍ଦିର୍‌କେ ଶହେ ୧୩ କୋଟି ୨ ଲାଖ୍ ୫୫ ହଜାର୍ ୮ ଶହ ୮୯ ଟଙ୍କା ମିଲିଥିବା ଶ୍ରୀ ହରିଚନ୍ଦନ୍ କହିଛନ୍ ।

ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ମାସର୍ ୨ ତାରିଖ୍ ଦିନ ୩୮ ନମ୍ବର୍ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ୍ ଆଉ ଉତ୍କଳକେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ପୁଣ୍ୟତିଥି ପାଳନ୍ କରାଯିବା । ଇଥିର୍‌ଲାଗି ସ୍ୱାଧୀନତା ସଂଗ୍ରାମୀ ଯୁବ ମାମ୍ମୁଖ୍ୟର୍ ସଭାପତି ଆଉ ସାଂସଦ୍ ଭର୍ତୃହରି ମହତାବ୍‌ଙ୍କର୍ ସଭାପତିତ୍ୱ ନ ଭୁବ୍‌ନେଶ୍ୱର୍ ସ୍ୱାଧୀନତା ସଂଗ୍ରାମୀ ଭବନ୍ ଠାନେ ଗୁଟେ ତୟାରି ବୈଠକ୍ କରାଯାଇଥିଲା । ମହୋତ୍ସବ୍ ଲାଗି ଗୁଟେ ଅଭ୍ୟର୍ଥନା ସମିତି ଗଠନ୍ କରାଯାଇଛେ ।

ରାଜ୍ୟସ୍ତରୀୟ ନାଟକ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ / ସମ୍ବଲପୁର

ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ପ୍ରତିଯୋଗିତା ଆଏବା ୨୪ ତାରିଖ୍‌ନୁ ସମ୍ବଲ୍‌ପୁର୍‌ର ଝାଡୁଆପଡ଼ା ଆରଣ୍ୟକ ରଙ୍ଗମଂଚ ନ ମୁଳ୍ ହେବା । ଇ ବଛର୍ ୧୫ ଟା ନାଟକ୍‌କେ ପ୍ରତିଯୋଗିତାଥି ମଂଚସ୍ଥ କର୍‌ବାର୍ ଲାଗି ମନୋନୟନ୍ କମିଟି ତର୍‌ଫୁ ବଛାଯାଇଛେ । ୫ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ପ୍ରତିଯୋଗିତାଥି ଦିନ୍‌କ ୩ ଟା ନାଟକ୍ ପ୍ରଦର୍ଶନ୍ କରାଯିବା ।

ଇ ପ୍ରତିଯୋଗିତାଥି ସମ୍ବଲ୍‌ପୁର୍, ବର୍‌ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍ ଜିଲ୍ଲାର୍ ନାଟ୍ୟ ଦଲ୍‌ମାନେ ନାଟକ୍ ପ୍ରଦର୍ଶନ୍ କର୍‌ବେ । ଆଏବା ୨୯ ତାରିଖ୍ ଦିନ ଇ ନାଟକ୍ ପ୍ରତିଯୋଗିତା ଉଦ୍‌ଯାପିତ୍ ହେବା ।

ଦନ୍ତା ହାତୀ ଆକ୍ରମଣ୍- ୧ ମୃତ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଧମା ରେଞ୍ଜ୍‌ର ଗଡ଼୍‌ଲୁଇସିଂ ପଂଚାୟତ୍ ମହାକୁଡ଼ପାଲି ନ ଗୁଟେ ଦନ୍ତା ହାତୀକେ ଖେଦ୍‌ବାର୍ ଲାଗି ଯାଇଥିବାର୍ ବେଲେ ଝନେ ଲୋକ୍‌ର ଜୀବନ୍ ଯାଇଛେ । ଘଟ୍‌ନାଜାଗାକେ ଜଙ୍ଗଲ୍ ବିଭାଗ୍ କର୍ମଚାରୀ ଆଉ ଯୁଯୁମୁରା ପୁଲିସ୍ ପୁହୁଁଚିକରି ମଲାଦିହି ଉଦ୍ଧାର୍ କରିଥିଲେ ।

କଲାକାର୍ ସମାବେଶ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବିଜେପି ତର୍‌ଫୁ ମାଉସୀ ମା ମନ୍ଦିର୍ ପରିସର୍ ନ ଗୁଟେ କଲାକାର୍ ସମାବେଶ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ସହର୍ ପରିକ୍ରମା କରିକରି ସଭା ଜାଗାକେ ପୁହୁଁଚିଥିଲା । ଜିଲ୍ଲା ବିଜେପି

ସଭାପତି ବିପ୍ରଚରଣ୍ ମହାନ୍ତିଙ୍କର୍ ଅଧ୍ୟକ୍ଷତା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇକରି କଲାକାର୍‌ମାନ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସର୍‌କାର୍‌ଙ୍କର୍ ନଜର୍‌କେ ଆନ୍‌ବାର୍‌କେ ପ୍ରତିଶ୍ରୁତି ଦେଇଥିଲେ ।

ନିଶା ନିବାରଣ୍ -ଗଣଦୌଡ଼ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ନିଶା ନିବାରଣ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଗୁଟେ ଗଣଦୌଡ଼ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଇତାର୍ ଶୁଭାରମ୍ଭ କରିଥିଲେ । ବୌଦ୍ଧ ବିଧାୟକ୍, ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍, ଜିଲ୍ଲା ସଂଘ ଚାଲକ ସୂର୍ଯ୍ୟକାନ୍ତ ଦଲବେହେରା, କଲାହାଣ୍ଡି ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ଶାନ୍ତନୁ ପରିଡ଼ା ଯୋଗ୍ ଦେଇକରି ନିଶା ଖାଏବାର୍‌ଟା ସମାଜ୍‌ଥି ଗୁଟେ ରୋଗ୍ ବାଗିର୍ ମାଡ଼ି ଚାଲିଥିବାର୍‌ନୁ ଇତାର୍ ଉପ୍‌ରେ ରୋକ୍ ଲଗାବାର୍ ଲାଗି ମତବ୍ୟକ୍ତ କରିଥିଲେ ।

ଜାତୀୟ ଜୁନିଅର୍ ଆଥ୍‌ଲେଟିକ୍ସ-କ୍ରୀଡ଼ାମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୩୯ ନମ୍ବର୍ ଜାତୀୟ ଜୁନିଅର୍ ଆଥ୍ଲେଟିକ୍ସରୁ ଗଲାକାଏଲ୍ ଓଡ଼ିଶାକେ ପହେଲା ସ୍ୱର୍ଣ୍ଣପଦକ୍  ମିଲିଛେ । ୨୦ ବଛରନୁ କମ୍ ବୟସର୍ ଶହେ ମିଟର୍ ଦୌଡ଼ ପ୍ରତିଯୋଗିତାଥି ଦଣ୍ଡପତି ଜୟରାମ୍ ଇ ସ୍ୱର୍ଣ୍ଣପଦକ୍ ପାଇଛନ୍ । ଇ ଅବ୍‌ସରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ତାଙ୍କୁ ଶୁଭେଚ୍ଛା ଜନେଇକରି ଶ୍ରୀ ଜୟରାମ୍‌ଙ୍କର୍ ବିଜୟ ଯୁବ କ୍ରୀଡ଼ାବିତ୍ ମାନ୍‌କୁ ତହଁକାବା ବଲି କହିଛନ୍ ।